## ୩ ନଭେମ୍ବର ୨୦୨୩ ଖୁତ୍‌ବା ଜୁମ୍ମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ତହେରିକ୍ ଜଦିଦ୍‌ର ଷଷ୍ଠତମ ପର୍ଯ୍ୟାୟର ଶୁଭାରମ୍ଭ, ଉକ୍ତ ପାଣ୍ଠିର ୮୯ତମ ବର୍ଷରେ ଜମାଅତ ଅହେମଦିୟାର ସଦସ୍ୟବୃନ୍ଦଙ୍କ ଅସାଧାରଣ ଅର୍ଥଦାନର ବିଶ୍ୱାସ-ବର୍ଦ୍ଧକ ଚର୍ଚ୍ଚା ଏବଂ ୯୦ତମ ବର୍ଷ ଆରମ୍ଭ ହେବାର ଘୋଷଣା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱାହ୍‌ଦହୁ ଲାଶରିକା ଲହୁ ୱାଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱାରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱା ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱାଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ତଥା ସୁରେ ଆଲେ ଇମ୍ରାନର ଆୟତ୍ ନମ୍ବର ୯୩ର ଆବୃତ୍ତି କରି ଅନୁବାଦ ଉପସ୍ଥାପନ କଲେ । ସେଥିଅନ୍ତେ ହଜୁର ଅନୱର[ଅ.ବ] କହିଲେ; ଏହି ଆୟତରେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ ଦର୍ଶାଇ ଦେଇଛନ୍ତି ଯେ, ପୁଣ୍ୟକର୍ମର ଉଚ୍ଚତମ ସ୍ତର ସେତେବେଳେ ହାସଲ ହେବ ଯେତେବେଳେ ତୁମେମାନେ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଅଲ୍ଲାଃଙ୍କ ମାର୍ଗରେ ନିଜର ଅତି ପ୍ରିୟତମ ବସ୍ତୁକୁ ବ୍ୟୟ କରିବ ।

ହଜରତ ମସିହ ମଉଦ[ଅ.ସ] ଏହାର ସ୍ପଷ୍ଟିକରଣ କରି କୁହନ୍ତି; ତୁମେ ସେପର୍ଯ୍ୟନ୍ତ ପ୍ରକୃତ ପୁଣ୍ୟ ଅର୍ଜନ କରିପାରିବ ନାହିଁ, ଯାହାକି ମୋକ୍ଷ ପ୍ରଦାନ କରିଥାଏ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ମାର୍ଗରେ ନିଜର ସେହି ଧନ ଓ ବସ୍ତୁ ବ୍ୟୟ କରି ନାହଁ ଯାହାକି ତୁମର ସବୁଠାରୁ ଅଧିକ ପ୍ରିୟ । ଆପଣ ଆଉ ଏକ ସ୍ଥାନରେ କୁହନ୍ତି; ଧନସମ୍ପତ୍ତିକୁ (ଅତ୍ୟଧିକ) ଭଲପାଇବା ଉଚିତ୍ ନୁହେଁ । ଅଲ୍ଲାଃତାଲା କୁହନ୍ତି; ତୁମେମାନେ (ଅଲ୍ଲାଃଙ୍କ ମାର୍ଗରେ) ନିଜ ପ୍ରିୟ ବସ୍ତୁଗୁଡ଼ିକ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ କଦାପି ପ୍ରକୃତ ପୁଣ୍ୟ ଲାଭ କରିପାରିବ ନାହିଁ । ଅସାର ଓ ନିରର୍ଥକ ବସ୍ତୁ ଖର୍ଚ୍ଚ କରି କୌଣସି ବ୍ୟକ୍ତି ପୁଣ୍ୟ ଅର୍ଜନ କରିବାର ଦାବୀ କରିପାରିବ ନାହିଁ । ମନେରଖ ସତ୍‌କର୍ମର ମାର୍ଗ ସଂକିର୍ଣ୍ଣ । ସୁତରାଂ ଏକଥା ସ୍ମରଣ ରଖ ଯେ, ନିରର୍ଥକ ବସ୍ତୁ ବ୍ୟୟ କରି କୌଣସି ବ୍ୟକ୍ତି ଏହି ପରିସର ମଧ୍ୟରେ ପ୍ରବେଶ କରିପାରିବ ନାହିଁ । କାରଣ ଯେପର୍ଯ୍ୟନ୍ତ ନିଜର ପ୍ରିୟରୁ ଅତି ପ୍ରିୟ ବସ୍ତୁ ବ୍ୟୟ କରି ନାହଁ ସେପର୍ଯ୍ୟନ୍ତ (ପ୍ରଭୁଙ୍କ) ପ୍ରିୟଭକ୍ତଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ଯଦି କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ ନାହଁ ଏବଂ ପ୍ରକୃତ ପୁଣ୍ୟ ଅର୍ଜନ କରିପାରିବା ପ୍ରତି ଉତ୍କଣ୍ଠା ନାହଁ ତେବେ କିପରି ସଫଳତା ଓ କୃତିତ୍ୱ ଅର୍ଜନ କରିନେବ । ଆପଣ[ଅ.ସ] କହିଲେ; **କ'ଣ ସାହାବାମାନେ ମୋଫତ୍‌ରେ (ରିଜ୍‌ୱାନୁଲ୍ଲାଃ)ର ସ୍ତରରେ ଉପନୀତ ହୋଇଗଲେ ।** ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଯାହାକି ପ୍ରକୃତ ଆନନ୍ଦ ଓ ସୁଖର ଉତ୍ସ, ହାସଲ ହୋଇ ନଥାଏ ଯେପର୍ଯ୍ୟନ୍ତ କ୍ଷଣିକ କ୍ଲେଶ (କଷ୍ଟ) ବରଦାସ୍ତ କରି ନାହଁ । ପରମେଶ୍ୱରଙ୍କୁ ଠକିବା ସମ୍ଭବ ନୁହେଁ ।

ସୌଭାଗ୍ୟଶାଳୀ ସେହିମାନେ ଯେ ପରମେଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଦୁଃଖ ଯନ୍ତ୍ରଣାକୁ ଭ୍ରୂକ୍ଷେପ କରି ନଥାନ୍ତି । କାରଣ ଚିରସ୍ଥାୟୀ ସୁଖ ଓ ଆରାମର ସୁଖ ଅସ୍ଥାୟୀ କଷ୍ଟ (ପୀଡ଼ା) ସହ୍ୟ କରିବା ଅନ୍ତେ ବିଶ୍ୱାସକାରୀକୁ ଲାଭ ହୋଇଥାଏ । ସୁତରାଂ ଏହା ସେହି ଅର୍ଥଦାନ କରିବାର ଉତ୍ସାହ ଯାହାକି ହଜରତ ମସିହ ମଉଦ [ଅ.ସ]ଙ୍କ ମହତବାଣୀ ଫଳରେ ଆମମାନଙ୍କ ମଧ୍ୟରେ ଉତ୍ପନ୍ନ କରିବା ଉଚିତ୍ । ଏହା ଜମାଅତ ଓ ପ୍ରତ୍ୟେକ ଅହେମଦୀ ଉପରେ ଅଲ୍ଲାଃତାଲାଙ୍କର ମହାପକାର ଯେଉଁ ବ୍ୟକ୍ତି ଏକଥାକୁ ହୃଦୟଙ୍ଗମ କଲା ଓ ସେ ନିଜର ପ୍ରିୟ ଧନ ଧର୍ମ ମାର୍ଗରେ ବ୍ୟୟ କରିବା ନିମନ୍ତେ ପୈଠ କରିଦେଲା ।

ଜମାଅତର ସଦସ୍ୟବୃନ୍ଦଙ୍କର ଏକ ସଂଖ୍ୟାଗରିଷ୍ଠ ଦଳ ନିଜ ଆବଶ୍ୟକତା ପୂରଣ କରିବାକୁ ପଛରେ ରଖି ଧର୍ମ ମାର୍ଗରେ ଦାନ କରି ଦେଇଥାନ୍ତି । ଏପରି ସହସ୍ର ଉଦାହରଣ ରହିଛି । ସମ୍ପ୍ରତି ଆମେ ଦେଖୁଛୁ ଯେ, ବିଶ୍ୱର ଅର୍ଥନୀତି ପୂର୍ଣ୍ଣ ରୂପେ ଭୁଷୁଡ଼ି ପଡ଼ିଛି ଏବଂ ଦିନ ପ୍ରତିଦିନ ତାହା ଶୋଚନୀୟ ହୋଇ ଚାଲିଛି । ଏପରିକି ବିକାଶଶୀଳ ଦେଶମାନଙ୍କର ମଧ୍ୟ ବର୍ତ୍ତମାନ ସେହିପରି (ସ୍ୱଚ୍ଛଳ) ଅବସ୍ଥା ନାହିଁ । ଋଷ ଓ ୟୁକ୍ରେନ୍‌ର ଯୁଦ୍ଧ ପରିସ୍ଥିତିକୁ ଆହୁରି ଅଧିକ ଜଟିଳ କରି ଦେଇଛି । ପୁଣି ସେହି ଦେଶମାନଙ୍କର ରାଜନେତାମାନଙ୍କର ଭ୍ରଷ୍ଟାଚାର ଦେଶକୁ କାଙ୍ଗାଳ କରି ଦେଇଛି । କିନ୍ତୁ ତଥାପି ଅହେମଦୀମାନେ ଅର୍ଥଦାନ କ୍ଷେତ୍ରରେ ଆଗକୁ ବଢ଼ି ଚାଲିଛନ୍ତି । ସାଂସାରିକ ଦୃଷ୍ଟି କୋଣରୁ ଏହି ପ୍ରସଙ୍ଗ ବୁଝିବା କଷ୍ଟସାଧ୍ୟ କିନ୍ତୁ ଯାହାଙ୍କ ବିଶ୍ୱାସ ସୁଦୃଢ଼ ସେମାନଙ୍କୁ ଜ୍ଞାତ ଯେ, ଏହି ବଳିଦାନ ଏଥି ସକାଶେ ଦିଆ ଯାଇଥାଏ କି ଏତଦ୍ ଦ୍ୱାରା ପ୍ରଭୁଙ୍କ ଅନୁକମ୍ପା ଅବତୀର୍ଣ୍ଣ ହେବା ଦୃଶ୍ୟମାନ ହୋଇଥାଏ । ନଭେମ୍ବର ମାସର ପ୍ରଥମ ସପ୍ତାହରେ ତହେରିକ୍ ଜଦିଦ୍‌ର ଘୋଷଣା କରା ଯାଇଥାଏ । ବସ୍ତୁତଃ ବର୍ତ୍ତମାନ ମୁଁ ଏହି ପ୍ରସଙ୍ଗରେ କିଛି ଘଟଣା ଚର୍ଚ୍ଚା କରିବି ।

ହଜରତ ମୁସଲେହ ମଉଦ[ର.ଅ] ଯେତେବେଳେ ତହେରିକ୍ ଜଦିଦ୍‌ର ଘୋଷଣା କରିଥିଲେ ସେତେବେଳେ ଆପଣ ଜମାଅତ ଠାରୁ ଯେଉଁ ଆଶା ବାନ୍ଧି ଥିଲେ ସେଥି ମଧ୍ୟରେ ମହିଳାମାନଙ୍କର ବଳିଦାନ କରିବା ସୂଚୀରେ ଏହା ମଧ୍ୟ ରହିଥିଲା କି ମହିଳାମାନେ ଅଳଙ୍କାର ଖରିଦ୍ କରିବେ ନାହିଁ ଅଥବା ଖୁବ୍ କମ୍ ଖରିଦ୍ କରିବେ ଏବଂ ବଳିଦାନ କରିବା ପ୍ରତି ସେମାନେ ଅଧିକ ମନଯୋଗ କରିବେ । ବସ୍ତୁତଃ ଏହି ନିର୍ଦ୍ଦେଶକ୍ରମେ ମହିଳାମାନେ ଖୁବ୍ ବଳିଦାନ କରିଥିଲେ ଏବଂ ଆଜି ମଧ୍ୟ କରୁଛନ୍ତି । **କେତେକ ମହିଳା ତ ନିଜର ସମସ୍ତ ଆଭୁଷଣ ଚାନ୍ଦାରେ ପୈଠ କରି ଦେଇଛନ୍ତି ।**

ବସ୍ତୁତଃ ସେହି ଲୋକମାନେ ନିଜ ପେଟ କାଟି ଚାନ୍ଦା ଦେଇଥାନ୍ତି ଏବଂ ଅନେକ ଏପରି ଅଛନ୍ତି ଯାହାଙ୍କୁ ଅଲ୍ଲାଃତାଲା ଧନ ଦୌଲତ ଓ ଐଶ୍ୱର୍ଯ୍ୟ ପ୍ରଦାନ କରିଥାନ୍ତି । ଏପରି ଧନାଢ଼୍ୟ ଲୋକମାନଙ୍କୁ ଶିକ୍ଷା ହାସଲ କରିବା ଉଚିତ୍ ଏବଂ ନିଜ ବଳିଦାନର ସ୍ତର ଉର୍ଦ୍ଧ୍ୱଗାମୀ କରିବା ଉଚିତ୍ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଏପରି ଗରିବ ଲୋକ ଅଛନ୍ତି ଯେ ନିଜ ମାସିକ ଆମଦାନୀର ୪୫ଶତକଡ଼ା ଦାନ କରି ଦେଇଥାନ୍ତି । ଅପରପକ୍ଷେ ଧନବାନ ବ୍ୟକ୍ତିମାନେ ନିଜ ଆମଦାନୀର ମାତ୍ର ଏକ ଶତକଡ଼ା ଦାନ କରିଥାନ୍ତି । ବରଂ ଏବେ ତ ଗରିବ ଶ୍ରେଣୀ ମଧ୍ୟରେ ଏପରି ଅଛନ୍ତି ଯେ ନିଜ ମାସିକ ଆମଦାନୀର ୧୦୦ଶତକଡ଼ା ଦାନ କରି ଦେଉଛନ୍ତି । ଏହି ଦୃଷ୍ଟିରୁ ଗରିବ ଶ୍ରେଣୀର ବଳିଦାନର ସ୍ତର ବେଶ୍ ଉର୍ଦ୍ଧ୍ୱରେ ରହିଛି । **ସୁତରାଂ ଧନିକମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।** ସ୍ମରଣ ରହିଥାଉ ଯେ, ପ୍ରଭୁ କାହାର ଉଧାର ରଖି ନଥାନ୍ତି । ଯେପରିକି ପବିତ୍ର କୁରଆନର ଅନ୍ୟ ଏକ ସ୍ଥାନରେ ପରାକ୍ରମୀ ଅଲ୍ଲାଃ କୁହନ୍ତି; ଆମ୍ଭେ ସାତଶହ ଗୁଣ ଅଥବା ତା'ଠାରୁ ଅଧିକ ଫେରସ୍ତ କରିଥାଉ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] ଗିନୀ ବସାଓ, ଫିଜି, ମଲାଓ୍ୱି, ତାଞ୍ଜାନିଆ, ନାଇଜେରିଆ ଇତ୍ୟାଦି ସହିତ ଅନ୍ୟ କିଛି ଦେଶଗୁଡ଼ିକର ତହେରିକ୍ ଜଦିଦ୍ ପାଣ୍ଠିରେ ବିଶେଷ ଅର୍ଥଦାନ କରିଥିବାର ଉଦାହରଣ ଉପସ୍ଥାପନ କରି କହିଲେ; ଶତ୍ରୁ ଆମର ମୂଳୋତ୍ପାଟନ କରିବା ସକାଶେ ଭୀଷଣ ବଳପ୍ରୟୋଗ ଓ ଯୋଜନ ପ୍ରସ୍ତୁତ କରୁଥିଲା, ଆଉ ଦେଖ ତାହା ବିପରୀତ ଅଲ୍ଲାଃତାଲା ଆମକୁ ଏପରି କଲ୍ୟାଣ ପ୍ରଦାନ କଲେ ଯେ, ନବାଗତ ଅହେମଦୀମାନଙ୍କ ହୃଦୟରେ ଏହି ପାଣ୍ଠିରେ ଦାନ କରିବାର ଆଗ୍ରହ ଜାତ କରିଦେଲେ । ପୁଣି ଏହା ଅବ୍ୟାହତ ରହିଛି । କ'ଣ ଏହି ବିରୋଧୀମାନଙ୍କ ଫୁଙ୍କ ମାରିବାରେ ଏହି ଉଜ୍ଜ୍ୱଳମୟ ଦୀପ ଲିଭି ଯିବ । ଯେଭଳି ଇଚ୍ଛା ପ୍ରୟାସ କରିନିଅ କିନ୍ତୁ ପତିତ ଓ ନିଷ୍ଫଳ ରହିବା ବିଧାତା ସେମାନଙ୍କ ଭାଗ୍ୟରେ ଲିପିବଦ୍ଧ କରି ଦେଇଛନ୍ତି । ଜମାଅତ ବିଶ୍ୱର ପ୍ରତ୍ୟେକ କୋଣରେ ବଳିଦାନର ନବିନତମ ଉଦାହରଣ ରେଖାଙ୍କିତ କରି ଉନ୍ନତି ପଥରେ ଅଗ୍ରସର ହୋଇ ଚାଲିଛି । ତହେରିକ୍ ଜଦିଦ୍‌ର ଶୁଭାରମ୍ଭ ହଜରତ ମୁସଲେହ ମଉଦ[ର.ଅ] ଏଥି ସକାଶେ କରିଥିଲେ କି ପ୍ରତ୍ୟେକ କୋଣରୁ ଜମାଅତ ବିରୋଧରେ ସ୍ୱର ଉତ୍ତୋଳନ ହେଉଥିଲା ଏବଂ ପ୍ରଶାସନ ମଧ୍ୟ ସେମାନଙ୍କ ପୃଷ୍ଠପୋଷକତା କରୁଥିଲା । ଅପରପାର୍ଶ୍ୱରେ ହଜୁର[ର.ଅ] ତହେରିକ୍ ଜଦିଦ୍‌ର ଭିତ୍ତିସ୍ଥାପନ କରି ପ୍ରଚାର ମାଧ୍ୟମରେ ବିଶ୍ୱର ପ୍ରତ୍ୟେକ ଦେଶରେ ଜମାଅତର ଧ୍ୱଜା ଲହରେଇବାର (ଜମାଅତକୁ)

ଡ଼ାକରା ଦେଇଥିଲେ । ଅତଏବ ଏମାନେ ଜମାଅତର ପ୍ରଚାର ଫଳରେ ଇସଲାମ ଅହେମଦିୟତ୍‌ର ଦିକ୍ଷା ନେଇଛନ୍ତି । ଯେଉଁମାନେ ବିଶ୍ୱାସ, ଆସ୍ଥା ଓ ବଳିଦାନର ଉଦାହରଣ ସ୍ଥାପନ କରିବାର ପ୍ରୟାସ କରୁଛନ୍ତି । ଏପରି ଅସଂଖ୍ୟ ଘଟଣାବଳୀ ରହିଛି ସେଗୁଡ଼ିକୁ ଏହି ସୀମିତ ସମୟ ମଧ୍ୟରେ ବର୍ଣ୍ଣନା କରିବା ଅସମ୍ଭବ ।

ତହେରିକ୍ ଜଦିଦ୍ ପ୍ରସଙ୍ଗରେ ତଥା ତାହାର ଐତିହାସିକ ପୃଷ୍ଠଭୂମିର ଚର୍ଚ୍ଚା କରି ଦେଉଛି । ଜମାଅତ ବିରୋଧ ରେ ପ୍ରତ୍ୟେକ ଦିଗରୁ ବିଦ୍ରୋହ ଓ ବିଶୃଙ୍ଖଳା ମୂଳକ ଅଗ୍ନି ଉର୍ଦ୍ଧ୍ୱଗାମୀ ହେଉଥିଲା । ବିଶେଷ ରୂପେ ଅହେରାର୍ (ଗୋଷ୍ଠୀ) ବିଦ୍ରୋହ କରିବାରେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଦେଇଥିଲେ ଏବଂ ସେମାନଙ୍କର ଶ୍ଲୋଗାନ ଦେଉଥିଲେ କି ଅହେମଦିୟତ୍‌କୁ ସମୂଳେ ଧ୍ୱଂସ କରି ଦେବୁ । କାଦିୟାନର ଚିହ୍ନବର୍ଣ୍ଣ ରଖିବୁ ନାହିଁ ଏବଂ ତାହାକୁ ଧୂଳିଶାତ କରିବାର ସେମାନେ ଦାବୀ କରୁଥିଲେ । ଏପରିକି ଯୁଗାବତାର ହଜରତ ମସିହ ମଉଦ ଅ.ସଙ୍କ ପବିତ୍ର ସମାଧି ଓ ପିଠସ୍ଥଳୀର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାର ଯୋଜନା କରୁଥିଲେ । ପ୍ରଶାସନ ମଧ୍ୟ ବିରୋଧୀମାନଙ୍କ ଆଡ଼କୁ ଢ଼ଳି ରହି ତାଙ୍କ ପିଠି ଥାପୁଡ଼ାଇବା ଦୃଶ୍ୟମାନ ହେଉଥିଲା । ଯଦିଚ ସେତେବେଳେ ଇଂଗ୍ରେଜମାନଙ୍କ ଶାସନ ଚାଲିଥିଲା, ପ୍ରଶାସନ ସେମାନଙ୍କ ବିଦ୍ରୋହର ମୂଳପୋଛ କରିବା ପରିବର୍ତ୍ତେ ସେମାନଙ୍କର ସମର୍ଥନ କରୁଥିଲା । ଏପରି ଉତ୍କଟ ପରିସ୍ଥିତିରେ ହଜରତ ମୁସଲେହ ମଉଦର.ଅ ଜମାଅତକୁ ଏକ ପୌଗ୍ରାମ ଦେଇ ଆହ୍ୱାନ ଦେଲେ ଯେଉଁଥିରେ ଅର୍ଥଦାନ କରିବାକୁ ମଧ୍ୟ ଧ୍ୟାନ ଆକର୍ଷିତ କରାଯାଇଥିଲା । ଏହା ୧୯୩୪ମସିହା କଥା ଆପଣର.ଅ କହିଲେ; କେତେକ ସମୟରେ ବଳିଦାନ ଦୀର୍ଘ କାଳିନ କରିବାକୁ ପଡ଼ିଥାଏ । ଏଥିପାଇଁ ମହିଳା ଓ ପିଲାମାନଙ୍କୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ୍ । ଏହା କେବଳ ପୁରୁଷମାନଙ୍କ କାର୍ଯ୍ୟ ନୁହେଁ ବରଂ ମହିଳାମାନଙ୍କୁ ମଧ୍ୟ ନିଜ ଦାୟିତ୍ୱ ଓ ମୂଲ୍ୟବୋଧକୁ ବୁଝିବାକୁ ହେବ । ଯଦିଚ ସେତେବେଳେ ତାହା ପ୍ରତ୍ୟେକ ଅହେମଦୀ ପାଇଁ ଅନିବାର୍ଯ୍ୟ ନଥିଲା କିନ୍ତୁ ନିଷ୍ଠା ଓ ବିଶ୍ୱସ୍ତତାର ଅଭୁତପୂର୍ବ ଉତ୍ସାହ ସଦସ୍ୟବୃନ୍ଦ ପ୍ରଦର୍ଶନ କରିଥିଲେ । ସେ ଯାହା ହେଉ ୧୯୩୪ମସିହାରେ ଆପଣର.ଅ ଔପଚାରିକ ରୂପେ ଏହି ପାଣ୍ଠିର ଘୋଷଣା କରି କହିଲେ; ଆମେମାନେ ଏପରି ଶତ୍ରୁର ଉତ୍ତର ଦେବା । ଆପଣର.ଅ ସେତେବେଳେ ଏକ (ନିୟମିତ) କାର୍ଯ୍ୟସୂଚୀ ପ୍ରସ୍ତୁତ କଲେ ଯେଉଁଥିରେ ନିଜର ସଂସ୍କାର ଓ ବଳିଦାନର ସ୍ତର ଉର୍ଦ୍ଧ୍ୱଗାମୀ କରିବା ପ୍ରତି ଧ୍ୟାନ ଆକର୍ଷିତ କଲେ ସେତେବେଳେ ସଦସ୍ୟବୃନ୍ଦ ନିଜ ଓ ନିଜ ପିଲାମାନଙ୍କ ପେଟ କାଟି ଅର୍ଥଦାନ କରିବାର ଯେଉଁ ନମୁନା ପ୍ରଦର୍ଶନ କଲେ, ଯାହାକୁ ପ୍ରଭୁ ଏପରି ସ୍ୱୀକାର କଲେ ଯଦ୍ୱାରା ଜଗତରେ ଇସଲାମ ଅହେମଦିୟତ୍‌ର ପ୍ରଚାରର ଏପରି ଅସାଧାରଣ ମାର୍ଗ ଉନ୍ମୁକ୍ତ ହେଲା ଯାହା କେବଳ ସେହିମାନଙ୍କ ମଧ୍ୟରେ ସୀମିତ ରହି ନଥିଲା ବରଂ ଆଜି ମଧ୍ୟ ତାହା ଅବ୍ୟାହତ ଓ ସମାନ ନମୁନା ଆମକୁ ଦୃଶ୍ୟମାନ ହେଉଛି । ସେ ଯାହା ହେଉ ସେହି ଲୋକମାନେ ଯେଉଁସ୍ଥଳେ ଧର୍ମ ମାର୍ଗରେ ଅର୍ଥଦାନ କରିଥିଲେ ସେହିସ୍ଥଳେ ନିଜ ଜୀବନ ମଧ୍ୟ ଉତ୍ସର୍ଗ କରି ଦେଇଥିଲେ । ଦୂରଦୂରାନ୍ତର ଦେଶକୁ ବାହାରି ଗଲେ, ପୁଣି କାରାବରଣର ନିର୍ଯ୍ୟାତନା ସହ୍ୟ କରିଥିଲେ । ହଜରତ ମୁସଲେହ ମଉଦର.ଅ ପ୍ରାରମ୍ଭରେ ଏହି ଆହ୍ୱାନକୁ ଦଶବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରି ଦେଇଥିଲେ । ଅର୍ଥାତ ତିନି ବର୍ଷରୁ ଦଶ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ । ପୁନଶ୍ଚ ଦଶ ବର୍ଷ ପୂରଣ ହେବା ପରେ ଏହାର ଉତ୍ତମ ପରିଣାମ ଉଦ୍ଧୃତ ହେବା ଯୋଗୁଁ ଏବଂ ଅଧିକ ବଳିଦାନ କରିବାର ସଦସ୍ୟବୃନ୍ଦଙ୍କ ଉତ୍ସାହ ଦେଖି ହଜୁରର.ଅ ତାହାକୁ ଆଉ ଦଶ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରି ଦେଇଥିଲେ । ଆଜି ଆମେ ଅଲ୍ଲାଃତାଲାଙ୍କ ସହଯୋଗ ଓ ସମର୍ଥନର ଯେଉଁ ମନୋରମ ଦୃଶ୍ୟ ଅବଲୋକନ କରୁଅଛେ ତାହା ଅସଲରେ ସେହି ପ୍ରାରମ୍ଭିକ ଲୋକମାନଙ୍କ ବଳିଦାନର ପରିଣାମ ଯାହାକୁ ମହାପ୍ରଭୁ ସ୍ୱୀକାର କଲେ । ବରଂ ଏବେ ମଧ୍ୟ ନୂତନ ଯୋଗଦାନକାରୀଙ୍କୁ କେତେକ ସ୍ଥଳେ ସ୍ୱପ୍ନ ମାଧ୍ୟମରେ ଏହି ଆହ୍ୱାନରେ ସାମିଲ ହେବାକୁ ଆହ୍ୱାନ ଦିଆ ଯାଉଛି । ଯେପରିକି ମୁଁ ଘଟଣାବଳୀରେ ଚର୍ଚ୍ଚା କଲି । **ସମ୍ପ୍ରତି ସେହି ପ୍ରାରମ୍ଭିକ ଯୋଗଦାନକାରୀଙ୍କ ବଂଶଜରେ ଆଜି ମଧ୍ୟ ନିଜ ବାପଅଜାଙ୍କ ବଳିଦାନକୁ ଜୀବିତ ରଖିବା ନିମନ୍ତେ ଯେଉଁସ୍ଥଳେ ନିଜ ପରବର୍ତ୍ତୀ ପିଢ଼ିରେ ଏହି ଉତ୍ସାହ ଉଜ୍ଜିବିତ ରଖିବା ପାଇଁ ଚେଷ୍ଟା କରିବା**

**ଉଚିତ୍ ।** ସେଠାରେ ନିଜ ଉପରେ ପ୍ରଭୁଙ୍କର ଯେଉଁ କୃପାବତୀର୍ଣ୍ଣ ହୋଇଛି ତାହାର କୃତଜ୍ଞତା ସ୍ୱରୂପ ନିଜେ ମଧ୍ୟ ଅଧିକରୁ ଅଧିକ ବଳିଦାନ କରିବା ଉଚିତ୍ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ସର୍ବପ୍ରଥମେ ମୁଁ ଚଳିତ ବର୍ଷର ଫଳାଫଳ ଯାହା ହସ୍ତଗତ ହୋଇଛି ତାହାର ଚର୍ଚ୍ଚା କରି ଦେଉଛି, ପ୍ରାରମ୍ଭରେ ଏହା କେବଳ କାଦିୟାନ ଅଥବା ଭାରତ ବର୍ଷରେ ସୀମିତ ରହିଥିଲା । କିନ୍ତୁ ବର୍ତ୍ତମାନ ଏତଦ୍ ଦ୍ୱାରା ବିଶ୍ୱର ୨୨୦ ଗୋଟି ଦେଶରେ ସମୁଦାୟ ୯୩୦୦ରୁ ଉର୍ଦ୍ଧ୍ୱ ମସଜିଦ୍ ନିର୍ମାଣ ହୋଇ ଯାଇଛି । ଆଉ ମିଶନ୍ ହାଉସ୍‌ର ସଂଖ୍ୟା ୩୪୦୦ରୁ ଉର୍ଦ୍ଧ୍ୱ ଅଟେ । ସମ୍ପ୍ରତି ୧୨ରୁ ଉର୍ଦ୍ଧ୍ୱ ମସଜିଦ୍ ଓ ମିଶନ୍ ହାଉସ୍ ନିର୍ମାଣାଧିନ (ଅବସ୍ଥାରେ) ରହିଛି । ସମଗ୍ର ବିଶ୍ୱରେ ଆମ ମୁବଲ୍ଲିଗ୍ ଓ ମୌଲ୍ଲମିନ୍‌ଙ୍କ ସଂଖ୍ୟା ପାଂଚ ହଜାରରୁ ଉର୍ଦ୍ଧ୍ୱ ରହିଛି ଏବଂ ଏହି ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନର ଅନୁବାଦ ମଧ୍ୟ ଚାଲିଛି, ବର୍ତ୍ତମାନ ସୁଦ୍ଧା ମୋଟ ୭୭ଟି ଭାଷାରେ ପବିତ୍ର କୁରଆନର ଅନୁବାଦ ହୋଇ ସାରିଲାଣି । ପତ୍ରପତ୍ରିକା ପ୍ରକାଶିତ ହେବା ସହିତ ବିଭିନ୍ନ ଭାଷାରେ ସେଗୁଡ଼ିକର ଅନୁବାଦ ମଧ୍ୟ ହେଉଛି । ଏପରି ଅଗଣିତ ମହତ କାର୍ଯ୍ୟ ତହେରିକ୍ ଜଦିଦ୍ ଦ୍ୱାରା ସମ୍ପାଦିତ ହେଉଛି । ଯଦିଚ ଏଥିପାଇଁ ଅନ୍ୟ ପାଣ୍ଠିର ରାଶି ମଧ୍ୟ ବ୍ୟବହାର ହୋଇଥାଏ କିନ୍ତୁ ତହେରିକ୍ ଜଦିଦ୍‌ର ଭୂମିକା ପ୍ରମୁଖ ଅଟେ ।

ଚଳିତ ବର୍ଷ ବିଶ୍ୱବ୍ୟାପୀ ଜମାଅତ ଅହେମଦିୟା ମୋଟ ୧୭.୨୦ମିଲିୟନ୍ ପାଉଣ୍ଡ ଅର୍ଥଦାନ କରିବାର ସୌଭାଗ୍ୟ ଅର୍ଜନ କରିଛି । ଅଲ୍‌ହମ୍‌ଦୁଲିଲ୍ଲାଃ । ଏହି ଆଦାୟ ଗତବର୍ଷ ତୁଳନାରେ ୭ଲକ୍ଷ ୪୯ହଜାର ପାଉଣ୍ଡ ଅଧିକ ଅଟେ । ସାମଗ୍ରିକ ଆଦାୟ ଦୃଷ୍ଟିରୁ ପାକିସ୍ତାନକୁ ବାଦ ଦେଲେ ପ୍ରଥମ ଦଶ ଗୋଟି ଦେଶ ଯେପରିକି- ଜର୍ମାନୀ, ଇଂଲଣ୍ଡ, କାନେଡ଼ା, ଆମେରିକା, ମଧ୍ୟ ଏସିଆର ଏକ ଜମାଅତ, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଆଉ ଏକ ଜମାଅତ ଓ ଘାନା ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଭାରତର ପ୍ରଥମ ଦଶ ଗୋଟି ରାଜ୍ୟ ଯେପରିକି- କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଜାମ୍ମୁକଶ୍ମୀର, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଭାରତର ପ୍ରଥମ ଦଶ ଗୋଟି ଜମାଅତ ଯେପରିକି- କୋଏମ୍ବଟୁର, ତାମିଲନାଡୁ, କାଦିୟାନ୍, ହାଇଦ୍ରାବାଦ, କାଲିକଟ, ମଞ୍ଜେରୀ, ମେଲାପାଲମ୍, ବ୍ୟାଙ୍ଗାଲୋର, କଲିକତା, କରୋଲାଈ ଓ କେରଙ୍ଗ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ଅଲ୍ଲାଃତାଲା ଏସମସ୍ତ ବଳିଦାନକାରୀଙ୍କ ଧନସମ୍ପତ୍ତିରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ଆସନ୍ତାରେ ସେମାନେ ଏହି ମାର୍ଗରେ ଆହୁରି ଅଧିକ ଆଗକୁ ବଢ଼ିଚାଲନ୍ତୁ । ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଫିଲିସ୍ତିନ ବାସୀଙ୍କ ନିମନ୍ତେ ନିରନ୍ତର ଦୁଆ ଅବ୍ୟାହତ ରଖିବାକୁ କହିଲେ । ସେଠାରେ ନିରୀହ ମହିଳା ଓ ପିଲାମାନେ ଅନ୍ୟାୟ ଅତ୍ୟାଚାର ମୂଳକ ବର୍ବରତାର ଶିକାର ହେଉଛନ୍ତି । ଅଲ୍ଲାଃତାଲା ସେଥିରୁ ସେମାନଙ୍କୁ ଶୀଘ୍ରାତି ଶୀଘ୍ର ଉଦ୍ଧାର କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★ ★ ★ ★ ★ ★

Khulasa Khutba Juma Huzoor Anwar a.b.a
3rd November 2023